<onl38><literature><novel.....><1986><book.><ମୃତନଦୀର.><ବ୍ରଜମୋହ
ନ><1062>

ଆଉ ଟିକେ ବିରକ୍ତ ହୋଇ ଉଠିଲେ ରେଖା – ' ଉଠ ଚମ୍ପତି ଭାଇ ।
ବସିଛ କଣ ? ପ୍ରେସକ୍ରିପ୍ସନରୁ ନାମ ପଢି ଔଷଧ ଖୋଜ । ବତେଇ
ଦିଅ ରୋଗୀ କେମିତି ଦିନକୁ କେତେ ପାନ କରି ଔଷଧ ଖାଇବ । '
ଧଡପଡ ହୋଇ ଚେୟାରରୁ ଉଠିଲେ ଚମ୍ପତି , ପଢିବାକୁ
ଚେଷ୍ଟାକଲେ ପ୍ରେସକ୍ରିପ୍ସନଟି । ପଢିବାରେ ଅସୁବିଧା ନାହିଁ । ତାପରେ
ଆଲମିରାଗୁଡିକ ଆଡେ ଚାହିଁଲେ ସେ ।
ସର୍କସର ରିଂ ମାଷ୍ଟର ପରି ପୁଣି ନିର୍ଦ୍ଦେଶ ଦେଲେ ରେଖା –
ଏ.ବି.ସି.ଡି. କ୍ରମରେ ଔଷଧଗୁଡିକ ସଜା ହୋଇ ରହିଛି । ଯେଉଁ
ଧାଡିରେ ବୋତଲ ଔଷଧଗୁଡିକ ସଜ୍ଜିତ , ଠିକ୍ ତାର ତଳ ଥାକରେ
ବଟିକା । ଆଲମିରା ଥାକରେ ମଧ୍ଧ ଏ.ବି.ସି.ଡି. ବୋଲି ଲେଖା ଯାଇଛି ।
ଭଲକରି ଦେଖ ଔଷଧ ବାହାର କର । '
ପୁଣି ପ୍ରେସ୍କ୍ରିପ୍ସନଟି ବାହାର କଲେ ଚମ୍ପତି – ମୁହଁ
ଖୋଲିଲେ ପ୍ରଥମ କରି – ' ସକାଳ ଜଳଖିଆ ପରେ ଏବଂ ରାତିରେ ମିଲ୍
ଖାଇବା ଶେଷରେ ପାଣି ଔଷଧ ଦିନକୁ ଦୁଇ ପାନ , ବଟିକା ଔଷଧରୁ
ଥରକୁ ଦୁଇଟି କରି ତିନି ପାନ । ଖାଲି ପେଟରେ ଔଷଧ ଖାଇବ ନାହିଁ । '
– ' ଆଜ୍ଞା ପାଣି ଔଷଧ ଛଅଥର , ବଟିକା ଔଷଧ
ଛଅଥର ଖାଇଲେ ଜର ଚଞ୍ଚଳ ଛାଡିଯିବ ନାହିଁ ?'
– ' ନାଁ ... ଅନୁପାତ ଅନୁସାରେ ଦିଆ ଯାଇଛି । ଅଧିକ ଖାଇଲେ
ରୋଗୀର କ୍ଷତି ହେବ ।
ଆହୁରି ହସିଲେ ରେଖା । କହିଲେ – ' ଭେରିଗୁଡ ଚମ୍ପତି ଭାଇ ।
ଏବେ ଏ କଞ୍ଚିକାଠି ତମେ ରଖ । '

ଶେଷରେ ରେଖାଙ୍କ ମୁଣ୍ଡରେ ହାତ ବୁଲାଇ ଆଣି କହନ୍ତି
ମାଳତୀ – ' ତୁ ଦୀର୍ଘଜୀବୀ ହୋ ମାଆ , ମୋ ଆୟୁଷ ନେଇ ବଞ୍ଚିରହ ,
ଲୋକଙ୍କର ସେବା କର । '
ଡାକ୍ତରୀ ପାଠରେ ଶିକ୍ଷିତା ହୋଇଥିଲେ ମଧ୍ଯ ସାମାନ୍ୟ ବିଚଳିତା
ହୋଇଉଠନ୍ତି ରେଖା । କହନ୍ତି – ' ନାଁ ... ମାଉସୀ , ତୁମେ ସେପରି କହିବନି ।
ମାଆଙ୍କ ସ୍ଥାନରେ ମୁଁ ତୁମକୁ ରଖିଛି । ତୁମର ଦୀର୍ଘ ଜୀବନ ମଧ୍ଯ ମୋର
ଲୋଡା । '
ହସି ଉଠି କହନ୍ତି ମାଳତୀ – ' ପାଗଳୀ '
ସେଦିନ ହରିଜନ୍ମ । ଲେଡି ଡାକ୍ତର ରେଖା ସକାଳୁ ଉଠି ଲାଗିଛନ୍ତି
ଫୁଲ ତୋଳାରେ । ଡେରି ହୋଇ ଯାଇଛି ଅନ୍ୟାନ୍ୟ ନିତ୍ୟ କର୍ମ କରିବାରେ ।
ହଠାତ୍ ପାଟି କରି ଉଠିଲେ ରାମହରି – ' ହଇଲୋ ଟୋକୀ ! ଆଜି କଣ
ଏ ପର୍ଯ୍ୟନ୍ତ ଗାଧୁଆ ହୋଇନି , ଫୁଲ ତୋଳାରେ ଲାଗିଛୁ , କେଶ ଅଲରା ହୋଇ
ଝୁଲୁଛି ପଦାକୁ । କଥା କଣ ?
– ' ହେ ଅଜା , ସତରେ ତୁମେ ମାନଧାତା ଅମଳର ଲୋକ
ହେଲଣି । ତୁମେ ଆଉ ଯମୁନା ନଇରେ ଜଳ କେଳି କରି ପାରିବନି । '
– ' କି ଲୋ କଥା କଣ କହୁନୁ ? '
– ' ଆଜି ପରା ଜନ୍ମାଷ୍ଟମୀ । ହରିଜନ୍ମ । ପ୍ରଭୁ ଶ୍ରୀକୃଷ୍ଣଙ୍କ ପାଇଁ ଫୁଲ
ତୋଳା ଯିବ ନାହିଁ ? ଭୋଗରାଗର ବ୍ୟବସ୍ଥା ହେବନି ? ଆଜି ମୋର
ଉପବାସ । ତୁମେ , ମାଉସୀ , ମଉସା ଉପବାସ ରହି ପାରିବ ନାହିଁ ,
କେବଳ ଗିଲାସେ ଗିଲାସେ ସର୍ବତ ପିଇବ । ଖାଡା ଉପାସ କରିବେ ମୋ
ସହିତ ଚମ୍ପତି ଭାଇ । '
ଜନ୍ମାଷ୍ଟମୀ କଥାଟା ଶୁଣି ଚମକି ପଡିଲେ ରାମହରି । ତାଙ୍କ ଆଖି
ଆଗରେ ନାଚି ଉଠିଲା ଅତୀତର କାହାଣୀ । ଏ ଦିନ କେତେ ଭୋଗରାଗ
ନ ହେଉଥିଲା ଉଆସରେ । ପାଠ ହେଉଥିଲା ଭାଗବତ ଦଶମସ୍କନ୍ଧ

ଗୋପଲୀଳା । ସ୍ୱର ଲହର ଦେଇ ଯେତେବେଳେ ବାଳଗୋପାଳ ମିଶ୍ର ଶର୍ମା ଭାଗବତ ପାଠ କରୁଥିଲେ – ସେତେବେଳେ ପାଳି ଧରୁଥିଲେ କେତେ ନାହିଁ କେତେ ଲୋକ । ହେଲେ ସେହି ରାଧାକୃଷ୍ଣ ଅଛନ୍ତି – //
ସେ ସମୟର ସେବାପୂଜା । ଆଜି ପ୍ରଭୁ ରାଧାକୃଷ୍ଣଙ୍କୁ ଦେଖିଲେ ରାମହରି ଛାତିରେ ଅନୁଭବ କରୁଛନ୍ତି ଯନ୍ତ୍ରଣା । ତଥାପି ...
ମନର ବେଦନା ମନରେ ମାରି କହିଲେ ରାମହରି – ' ହଇଲୋ ତୁ ପରା ଡାକ୍ତରାଣୀ । ଠାକୁର ପୂଜା କରିବାକୁ ଲାଜ ଲାଗିବ ନାହିଁ ? '
– ' କାହିଁକି ଅଜା ? ମୁଁ କଣ ହିନ୍ଦୁ ନୁହେଁ ? ପ୍ରଭୁ ରାଧାକୃଷ୍ଣ କଣ ମୋର ଦେବତା ନୁହଁନ୍ତି ? ସେ ମୋତେ ସାହସ ନ ଦେଲେ , ବଳ ନ ଦେଲେ , ମୁଁ ରୋଗ ଚିହ୍ନିବି କିପରି ? ସେବା କରିବି କେମିତି ? '
– ' ଡାକ୍ତରମାନେ ଠାକୁରଙ୍କୁ ମାନନ୍ତି – ଏକଥା ମୁଁ ନୂଆ ଶୁଣିଲି । ସେମାନେ ତ ରୋଗୀଙ୍କୁ ଜୀବନ ଦେଉଛନ୍ତି ଭଗବାନଙ୍କଠାରୁ ଅଧିକ । '
– ' ନାଁ ... ଅଜା ! ତୁମେ ଭୁଲ୍ କହୁଛ । ଡାକ୍ତରମାନେ ବେଶୀ ଧର୍ମ ଭୀରୁ । ସେମାନେ ଅସ୍ତ୍ରୋପଚାର ପାଇଁ ଛୁରୀ ଧରିବା ସମୟରେ ପ୍ରଥମେ ନିବେଦନ କରନ୍ତି ଅଦୃଶ୍ୟ ଶକ୍ତିକୁ । ଔଷଧ ଲେଖିଲା ବେଳେ ମଧ୍ୟ ଠିକ୍ ସେହି ଅବସ୍ଥା । ଯେଉଁମାନେ ଭାବନ୍ତି ଯେ ଡାକ୍ତରଗୁଡା ନାସ୍ତିକ – ସେମାନେ କିଛି ଜାଣନ୍ତି ନାହିଁ ବୋଲି ମୁଁ କହିବି । '
ବଡ ବଡ ଆଖିରେ ଚାହିଁଲେ ରାମହରି । ଫୁଲଡାଲାଟି ଧରି ଠାକୁର ଘର ଦୁଆର ମୁହଁକୁ ଆଗେଇ ଯାଉଥିଲେ ରେଖା । ପୁଣି କହିଉଠିଲେ ରାମହରି ଦରଦ ଭରା କଣ୍ଠରେ – ଆରେ ମାଆ , ଆଜି ଜନ୍ମାଷ୍ଟମୀ ବୋଲି କହିଦେବା ପରେ ମୋ ମନରେ ପଡୁଛି ବାଳଗୋପାଳ ମିଶ୍ର ଶର୍ମାଙ୍କ କଥା । ହେଲେ ହତଭାଗା ସେ । ତାଙ୍କ ବଂଶରେ କେହି ରହିଲେ ନାହିଁ । ଶେଷରେ ନାତୁଣୀ ବୋହୁଟା ଯା ଘରେ ତା ଘରେ ଧାନ କୁଟି , ବେଲା ବାସନ

ମାଜି ଚଳୁଥିଲା । ଏବେ ଧାନ ପେଡିବା ପାଇଁ କଳ ପଡିବା ପରେ ସେ
କଣ କରି ପେଟ ପୋଷୁଥିବ – ତାକୁ ଜଣା ।
ଫୁଲ ଡାଲାଟି ରଖି ଦେଇ ଠିଆ ହୋଇଗଲେ ରେଖା ।
ସେତେବେଳକୁ ମାଳତୀ ମଧ୍ଧ ପହଁଞ୍ଚି ସାରିଥିଲେ ଠାକୁର ଘର ପିଣ୍ଡା ଉପରେ ।
ରେଖା କହିଲେ – ' ନାଁ ଅଜା ! ବାଳଗୋପାଳ ମିଶ୍ରଶର୍ମାଙ୍କ ନାତୁଣୀ
ବୋହୁ ସୁମତୀର ଆଉ ଦୁଃଖ ନାହିଁ । //
– ' ତା ମଧ୍ଧ ମୁଁ ଜାଣେ ରୁଦ୍ରାକ୍ଷ ବାବୁ । ମୋର ମାମୁଁ ,
ଭିଜିଲାନ୍ସ ବିଭାଗର ଆଇ.ଜି. । ଆପଣଙ୍କ ଚିଠି ପଢି ମୋତେ ହସି
ହସି ସବୁ କହିଛନ୍ତି , ତାଙ୍କୁ ମୁଁ ଅନୁରୋଧ କରିଛି ଅନୁସନ୍ଧାନ ପାଇଁ ।
ହେଲେ ଉତ୍ତର ଦେଇଛନ୍ତି ସେ , ଏ ବାଜେ କଥା କାହିଁକି ଶୁଣୁଛୁ ରେଖା !
ତୋ କାମ ତୁ କର । '
– ' ଓ ତୁମେ ସାଧୁ , ପଇସା ଖାଉନାହଁ । ତେବେ ପଇସା
ଆଣିଲ କେଉଁଠୁ ମାନଧାତା ଘରକୁ ମରାମତ କରିବା ପାଇଁ , ଚମ୍ପତିକୁ
ଦୋକାନ କରାଇ ଦେବା ପାଇଁ । '
– ' ତୁମେ ଭୁଲିଯାଉଛ ରୁଦ୍ରାକ୍ଷ ଦାସ ଯେ – ମନମୋହନ
ଗନ୍ତାୟତଙ୍କ ପୁଅ , ସୂର୍ଯ୍ୟକାନ୍ତ ଗନ୍ତାୟତଙ୍କ କନ୍ୟା ମୁଁ , ଯାହାଙ୍କର
ଜମିଦାରୀର ସୀମା ଥିଲା ଅଠର ମାଇଲ , କେବଳ ସେତିକି ନୁହେଁ
ରୁଦ୍ରାକ୍ଷଦାସ । ଯାହାଙ୍କର ରୋଷେୟା ପିଲା ଥିଲ ତୁମେ । ଏବେ ମନେ ପକାଅ ।
ସ୍ୱାଧୀନତା ସଂଗ୍ରାମ ପାଇଁ ସାଆନ୍ତ ବାପା ମନମୋହନ ଗୋପନରେ ତୁମ
ହାତରେ ଚିଠି ପଠାଉ ନ ଥିଲେ ? ତୁମକୁ ଖଦଡ ପିନ୍ଧାଇ ବାନର
ସେନା କରି ମଦ ଦୋକାନ ଆଗରେ ପିକେଟିଂ କରାଉ ନ ଥିଲେ ? ପିଲାଙ୍କୁ
ଜଳଖିଆ ପାଇଁ ଗୋପନରେ ପଇସା ଦେଉ ନ ଥିଲେ ? ଏ ଅଞ୍ଚଳର ସମସ୍ତ
ସ୍ୱାଧୀନତା ସଂଗ୍ରାମର ଭାର ତାଙ୍କ ଉପରେ ନ ଥିଲା ? ହେଲେ ସେ ଆଉ
ତାଙ୍କ ପୁଅ ରହିଗଲେ ସେଇଠି , ରାମହରି ବୈରୀଗଞ୍ଜନ ମାନଧାତାଙ୍କ

ପରି । ତାଙ୍କ ନାତି ନାତୁଣୀମାନେ ସାଜିଲେ ତୁମର ପ୍ରଚାରକ । ଆଉ
ହିସାବ ଖୋଜିବ ରୁଦ୍ରାକ୍ଷ ଦାସ ? '
ତଳକୁ ମୁହଁ କରୁଥିଲେ ରୁଦ୍ରାକ୍ଷ ଦାସ ।
ପୁଣି କଠୋର କଣ୍ଠରେ କହିଲେ ଲେଡି ଡାକ୍ତର ରେଖା - କିନ୍ତୁ
ଉତ୍ତର ଦିଅ ରୁଦ୍ରାକ୍ଷ ଦାସ । ଥରେ ମାତ୍ର ବିଧାନ ସଭାର ସଦସ୍ୟ ହୋଇ
ତୁମେ କେତେ ନମ୍ବର କୋଠା କରିଛ । ଗାଁରେ ଦୁଇମହଲା ,
ଭୁବନେଶ୍ୱରରେ ତିନି ମହଲା ଏବଂ କଟକରେ ସ୍ତ୍ରୀ ନାମରେ ଦୁଇ ମହଲା । ହେଲେ
ତୁମର ଦରମା କେତେ ରୁଦ୍ରାକ୍ଷ ଦାସ । ତୁମ ଦରମା ପରି କେତେ ଜଣଙ୍କ
ଦରମା ମିଶିଲେ ଜଣଙ୍କର ପୁଅ ବମ୍ବେରେ , ଝିଅ ଦିଲ୍ଲୀରେ ପଢି ପାରିବ ।
ଗୋଟିଏ ସିନେମା ହଲ , ଗୋଟିଏ ଷ୍ଟାର ହୋଟେଲ , ଗୋଟିଏ ଶିଳ୍ପ
କାରଖାନା ସୃଷ୍ଟି ହୋଇ ପାରିବ ଏବଂ ତା ସହିତ ଏ କୋଠାଗୁଡିକ ଗଢି
ଉଠିବ ? '
ଉତ୍ତର ନ ଦେଇ ଗାଡି ଆଡକୁ ଆଗେଇ ଆସୁଥିଲେ ରୁଦ୍ରାକ୍ଷ ବାବୁ ।
ଜୋର ଦେଇ କହିଲେ ଲେଡି ଡାକ୍ତର ରେଖା - ଶୁଣିଯାଅ
ରୁଦ୍ରାକ୍ଷ ବାବୁ । ସ୍ଥାନୀୟ କଣ୍ଟ୍ରାକ୍ଟରମାନଙ୍କୁ ମୁଁ ମନା କରି ଦେଇଛି ।
ଆଉ ସେମାନଙ୍କ ଠାରୁ ଚାନ୍ଦା ମିଳିବ ନାହିଁ । ଆଗ ବଜାରରେ
ଦୋକାନୀମାନେ ମଧ୍ଧ ମାସିକିଆ ବଟି ଦେବେ ନାହିଁ । ଖାଲି ସେତିକି
ନୁହେଁ - ଶିକ୍ଷିତ ବେକାରମାନେ ତୁମର ସଭା ଆୟୋଜନ କରିବେ
ନାହିଁ ଅବା ଅନ୍ୟ ଦଳର ସଭା ଭାଙ୍ଗିବା ପାଇଁ ଟେକା ପକାଇବେ ନାହିଁ ।
ଏଣିକି ସବୁ କାମ ପାଇଁ ତୁମକୁ ସହରୀ ଗୁଣ୍ଡାଙ୍କୁ ଭଡାଆଣିବା ପାଇଁ
ପଡିବ ।
କିଛି ନ ଶୁଣିବା ପରି ଗାଡିରେ ବସିଲେ ରୁଦ୍ରାକ୍ଷ ବାବୁ । ଆଉ
ଟିକେ ଉଚ୍ଚ ଗଳାରେ କହିଲେ ରେଖା - ' ଆଉ ଦୁଇଥର ତୁମ ସହିତ
ମୋର ସାକ୍ଷାତ ହେବାର ସମ୍ଭାବନା ଅଛି ରୁଦ୍ରାକ୍ଷ ବାବୁ । ଥରେ

କୋର୍ଟରେ , ଆଉ ଥରେ ଏ ନିର୍ବାଚନ ମଣ୍ଡଳୀରେ । ଏଥର ନିର୍ବାଚନ ପୂର୍ବରୁ ମୁଁ ଇସ୍ତଫା ଦେଇ ଲଢିବି ତୁମ ବିପକ୍ଷରେ । ଦେଖିବି , କିଛି ପ୍ରଚାର ନ କରି ଖାଲି ସେବା କରି ମୁଁ ତୁମର ପରାଜୟ ଘଟାଇ ପାରୁଛି କି ନାହିଁ ? '

ଗାଡି ଛାଡିଲା ରୁଦ୍ରାକ୍ଷ ବାବୁଙ୍କର ।

ହସୁଥିଲେ ଲେଡି ଡାକ୍ତର ରେଖା ସେ ଆଡକୁ ଚାହିଁ । ଆଶ୍ଚର୍ଯ୍ୟ ଆଖିରେ ଚାହିଁ ରହିଥିଲେ ଚମ୍ପତି । ଏ କଣ , କି ଭୟଙ୍କର ମୂର୍ତ୍ତି ରେଖାଙ୍କର । ସେ ମଧ୍ୟ ଏପରି ରାଗି ପାରନ୍ତି ? ଯୁଦ୍ଧ କରିବାକୁ ଆଗେଇ ଆସି ପାରନ୍ତି ? ଅପରକୁ ଆଘାତ ଦେଇ ପାରନ୍ତି ?

ଚମ୍ପତିଙ୍କୁ ଚାହିଁ ସବୁକିଛି ବୁଝିନେଲେ ରେଖା । କହିଲେ -

' ଆଶ୍ଚର୍ଯ୍ୟ ହେଉଛ ଚମ୍ପତି ଭାଇ ? ତୁମେ ପ୍ରାୟ ଭୁଲି ଯାଉଛ ଯେ - ଏଇ ନାରୀ ସୀତା , ସାବିତ୍ରୀ , ରାଧା , ଲଳିତା , ପୁଣି ଚଣ୍ଡୀ , ଚାମଣ୍ଡା , ରୁଦ୍ରାଣୀ ଏବଂ ଦୁର୍ଗା । ସର୍ବଶକ୍ତିର ସେ ଆଧାର । ସମୟ ବିଶେଷରେ ପ୍ରୀତି ପରାୟଣା

କଣ କରିବେ ଦରମାଖିଆ ଚାକିରିଆ ଏସ୍.ପି. ବିଚରା , ନିର୍ଦ୍ଦେଶ ନ ମାନିଲେ ପ୍ରତ୍ୟେକ ମାସରେ ତିନିଥର ବଦଳି ଅସମ୍ଭବ ନୁହେଁ । ଅବଶ୍ୟ ଶାସକ ଦଳର ସଭା ଆୟୋଜନ , ନେତାଙ୍କ ସୁରକ୍ଷା ଦାୟିତ୍ୱ ସଂପୂର୍ଣ୍ଣ ପୋଲିସମାନଙ୍କର । ଯଦି କୌଣସି ସଭାରେ ଗଣ୍ଡଗୋଳ ହେଲା , ନେତା ଅପଦସ୍ତ ହେଲେ , ତେବେ ସବୁ ଦୋଷ ପୋଲିସ ବାହିନୀର । ଏପରିକି ନିର୍ବାଚନରେ ଶାସକ ଦଳ ପରାଜିତ ହେଲେ ମଧ୍ୟ ବଦଳି ପୋଲିସମାନଙ୍କ ଭାଗ୍ୟରେ । ସେମାନେ ଦକ୍ଷତାର ସହିତ ଶାସକ ଦଳଙ୍କୁ ବିଜୟର ଟିକା ପିନ୍ଧାଇ ପାରିଲେ ତାଙ୍କର ସୁନାମ ।

ଏମିତି କେତେ କଥା ଚିନ୍ତା କରୁ କରୁ କହିଲେ ରେଖା - ହଉ ସାତଟା ପର୍ଯ୍ୟନ୍ତ ବାରଣ୍ଡାରେ ଅପେକ୍ଷା କରୁଛି । ସାକ୍ଷାତ ନ କରି ଫେରିଯିବାକୁ ମୁଁ ଆସିନାହିଁ । କଣ କରିବି କନେଷ୍ଟବଳ , ଭାବୁଛି ସେ ,

ସାହେବ ଜାଣିଲେ କହି ପାରନ୍ତି - ମୁଁ ଘରେ ଅଛି ବୋଲି ତୁ କହିଲୁ କାହିଁକି ?
କନେଷ୍ଟବଳର ଭାବଭଙ୍ଗୀରୁ ସବୁ ବୁଝୁଥିଲେ ରେଖା । କହିଲେ -
' କିଛି ଚିନ୍ତା କର ନାହିଁ । ସାହେବ ତୁମ ଉପରେ ମୋଟେ ବିରକ୍ତ ହେବେ ନାହିଁ । ବରଂ ଆନନ୍ଦିତ ହେବେ । ମୋତେ କେବଳ ବାରଣ୍ଡାରେ ଖଣ୍ଡେ ଚଉକି ଦିଅ । '
ରେଖାଙ୍କ ହସ ହସ ଭରା କଥାରେ ସଙ୍କୁଚିତ ହୋଇପଡିଲା କନେଷ୍ଟବଳ । ତା ମନର ଗୋପନ କୋଣରେ ଉଙ୍କି ମାରିଲା ସନ୍ଦେହ , କି ସୁନ୍ଦରୀ ତରୁଣୀ । ସାହେବଙ୍କର କିଛି ସଂପର୍କ ଅଛି କି ୟାଙ୍କ ସହିତ ? ହୋଇପାରେ । ବଡ ଘର ବଡ ଗୁମର କଥା । ସେଥିରେ ପୁଣି ସାହେବ ଅବିବାହିତ ।
ଇତି ମଧ୍ୟରେ ଅନୁଗତ ଆଲ୍‌ସେସିଆନ୍ କୁକୁରଟା ତା ପାରଗପଣିଆଁର ପରିଚୟ ଦେଇ ଭୁକିବାର ଶବ୍ଦ ଦ୍ୱିଗୁଣିତ କରିଥିଲା । ଅର୍ଡର୍ଲି ଜଣକ ବାହାରକୁ ବାହାରି ଆସି ସାହେବଙ୍କ ଭାଷାରେ ଜକି ! ... ନୋ ... ନୋ ... କହୁଥିଲେ ମଧ୍ୟ ତା ଚିତ୍କାର ଚାଲିଥିଲା ନିରବିଚ୍ଛିନ୍ନ ଭାବେ ।
ଏଣେ କନେଷ୍ଟବଳ ଜଣଙ୍କ ବାଧ୍ୟ ହୋଇ ବାହାର ପିଣ୍ଡା ଉପରୁ ଖଣ୍ଡେ ଫୋଲ୍‌ଡିଂ ଚଉକି ଟେକି ଆଣି ପକାଇ ଦେଲା ପୋର୍ଟିକୋ ଦେହରେ । ଥକା ହୋଇ ବସି ପଡିଲେ ରେଖା । ଚାହୁଁଥିଲେ ଚାରିଆଡକୁ । ଅନେକ ଇଂରେଜ କାଇଦାର ଡେକୋରେଟିଭ ପ୍ଲାଣ୍ଟ , ପୋର୍ଟିକୋ ସାମନାରେ ଘାସ ପାଣି ଦେଉଛନ୍ତି କେତେଜଣ । ହତା କଡର ଗଛଗୁଡିକ ସାଇଜକରି କାଟୁଛନ୍ତି ଆଉ କେତେଜଣ ବ୍ୟକ୍ତି ।
ଏତିକିବେଳେ ବଳିପଡି କହିଲା କନେଷ୍ଟବଳ - ବୁଝିଲେ ମାଆ ! ଆଉ ଟିକେ ପରେ ସାହେବ ବିଶ୍ରାମ ଶେଷ କରି ଆସି ବସିବେ ଏଇ ଘାସ ଉପରେ ଗାର୍ଡନ ଚେୟାର ପକାଇ । ତା ପୂର୍ବରୁ ସବୁ କାମ ଶେଷ

କରିବାକୁ ହେବ , ନଚେତ୍ ଚାକିରି ଗଲା । ଆମ ସାହେବ ଭାରି ରାଗି ।
– ' ରାଗି ?? ' ଆଶ୍ଚର୍ଯ୍ୟ ଆଖିରେ ଚାହିଁଲେ ରେଖା ।
– ' ହଁ ଆଜ୍ଞା ଭାରି ରାଗି । ରାଗି ନ ହେଲେ ପୁଲିସ୍ ଚାକିରି ଚଳେଇବେ କେମିତି କହୁ ନାହାଁନ୍ତି ? ' କ୍ରମେ ସମବେଦନାର ଆନ୍ତରିକତା ସୃଷ୍ଟି ପାଇଁ ଚେଷ୍ଟା କରୁଥିଲା କନେଷ୍ଟବଳ । ତାର ଧୀର ଏବଂ ଚାପା କଣ୍ଠରୁ ଜଣା ପଡୁଥିଲା – ସତେ ଯେପରି ସେ କଥା କହୁଛି ସାହେବଙ୍କୁ ନ ଶୁଭିବା ପରି । ଅବଶ୍ୟ ଜକିଟାର ଘୋ ଘୋ ଛାତିଫଟା ଚିତ୍କାର ଅତିକ୍ରମ କରି ତା କଥା ଝରକା ବାଟ ଦେଇ ସାହେବଙ୍କ କାନରେ ପ୍ରବେଶ କରିବା ଥିଲା ଅସମ୍ଭବ ।
ଏମିତି ବେଳେ ଭିତରୁ ଶୁଭିଲା ସାହେବଙ୍କ ପାଟି – ଆରେ ଶଙ୍କର ! ଜକି ଏମିତି ଭୁକୁଛି କାହିଁକି ?
କି ଉତ୍ତର ଦେବ କନେଷ୍ଟବଳ ଶଙ୍କର !!
– ' ନାଇଁ ସାହେବ , ଜଣେ ମାଆ ଆସିଛନ୍ତି ଯେ – '
– ' ମାଆ ?? ଆବେ ମାଆ କୋଉଠୁ ଆସିଲେ ? କହୁ କହୁ ପଦାକୁ ବାହାରି ଆସିଲେ ଏସ.ପି. ତପନ । ହଠାତ୍ ଅଟକି ଗଲେ ରେଖାଙ୍କୁ ଦେଖି – ' ଆରେ ରେଖା ! ତୁ କେତେବେଳେ ? '
– ' ଏଇ ଅଳ୍ପ ସମୟ ହେଲା ଆସିଲି । ଶୁଣିଲି ସାହେବ ବିଶ୍ରାମ କରୁଛନ୍ତି । ସାତଟା ବେଳକୁ ସାକ୍ଷାତ ମିଳିବ । ତେଣୁ ଅପେକ୍ଷା କରିଥିଲି ଏଇ ପୋର୍ଟିକୋ ଦେହରେ ଆଲସେସିଆନ୍‌କୁ ଭୟକରି । '
– ' ସମସ୍ତଙ୍କୁ ସାକ୍ଷାତ କରିବାକୁ ସାତଟା ପର୍ଯ୍ୟନ୍ତ ମନା ବୋଲି ତୋତେ ମଧ୍ୟ । ' //
ଅନେକଙ୍କର ବକ୍ତବ୍ୟ – ଦାରିଦ୍ର ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କୁ ଉନ୍ନତ କରାଯିବ । କିନ୍ତୁ ଏହି ଦରିଦ୍ର ବ୍ୟକ୍ତିମାନଙ୍କ ଆର୍ଥିକ ମାନ ଉନ୍ନତ କରିବା ଆଳରେ କେତେ ମୁଷ୍ଟିମେୟ ବ୍ୟକ୍ତିଙ୍କର ଯେ ପ୍ରାସାଦ ଉପରେ

ପ୍ରାସାଦ ଗଢା ଚାଲିଛି – ତାର ସୀମା ନାହିଁ । ଫଳରେ ଯେଉଁ ବିରାଟ ଫାଙ୍କକୁ ସେଇ ଫାଙ୍କ । କେବଳ ଯନ୍ତ୍ରଣା ଭୋଗ କରୁଛନ୍ତି ପୂର୍ବର ସେହି ଉଚ୍ଚ ବଂଶଜ ବ୍ୟକ୍ତିମାନେ । '

ରେଖାଙ୍କ କଥାରେ ବାଧା ଦେଲେ ତପନ । କହିଲେ – ମୁଁ ସବୁ ବୁଝୁଛି ରେଖା କିନ୍ତୁ ଏ ଯୁଗର ସୁଅ ସେଇଆଡେ । ଆମେ କଣ ବିପରୀତ ସୁଅରେ ଦୌଡି ପାରିବା ? '

– ' ପାରିବା , କେବଳ ମନରେ ସାହସ ଓ ଧୈର୍ଯ୍ୟ ଥିଲେ । '

କହିଲେ ରେଖା ।

ଆଉ ଟିକେ ହସି କହିଲେ ତପନ – ' ସବୁ ବୁଝିଲି , କିନ୍ତୁ ତୁ ସେ ବିପରୀତ ସୁଅରେ ପହଁରିବାକୁ ସମୟ କାହିଁ ? ତୁ ତ ପୁଣି ବିବାହ କରିବୁ । ଅନ୍ୟ ଅଞ୍ଚଳକୁ ବଦଳି ହେବୁ । '

– ' ହଁ , ହେଲେ ମୋର ବିବାହ ଠିକ୍ ହୋଇ ଯାଇଛି । '

– ' ବିବାହ ଠିକ୍ ହୋଇ ଯାଇଛି ? ' ଆଶ୍ଚର୍ଯ୍ୟ ଆଖିରେ ଚାହିଁଲେ ତପନ ।

– ' ହଁ ... , ମିତାଲିର ବଡ ଭାଇ ଚମ୍ପତିଙ୍କ ସହିତ ମୋର ବିବାହ ସ୍ଥିର ହୋଇଛି । ଏ ସଂପର୍କରେ ମୁଁ ମାମୁଁଙ୍କଠାରୁ ସମ୍ମତି ଆଣି ସାରିଛି । ତା ଛଡା ବଦଳି କଥା ମୁଁ ଚିନ୍ତା କରୁ ନାହିଁ । ଚାକିରୀ ଛାଡି ସେହି ଗାଁରେ ଗୋଟିଏ କ୍ଲିନିକ କରି ଲୋକଙ୍କର ସେବା କରିବି । ଆବଶ୍ୟକ ହେଲେ ରୁଦ୍ରାକ୍ଷ ଦାସ ବିରୁଦ୍ଧରେ ଭୋଟରେ ଛିଡା ହେବି । '

ସ୍ଥିର କଣ୍ଠରେ କହିଲେ ତପନ – ' ମାନଧାତାଙ୍କ ପୁଅ ଚମ୍ପତି କଣ କରନ୍ତି ରେଖା ? '

' କିଛି ନୁହେଁ , ପାଠ ମଧ୍ଧ ଅଧିକ ପଢି ନାହାଁନ୍ତି । କେବଳ ଛୋଟ ଔଷଧ ଦୋକାନଟିଏ କରି ଦେଇଛି ତାଙ୍କ ପାଇଁ । '

– ' ଏମିତି ପିଲାକୁ ବିବାହ କରିବା ପାଇଁ ତୁ ରାଜି ହୋଇଛୁ ? ' //

– ‘ ହଁ , କ୍ଷତି କଣ ? ତୁମେ କାହିଁକି ଭାବୁଛ ଯେ ଡାକ୍ତର ଝିଅ
ପାଇଁ ଦରକାର ଇଞ୍ଜିନିଅର , ଡାକ୍ତର , ଆଇ.ଏ.ଏସ୍. , ଆଇ.ପି.ଏସ୍.
ବର । ଯେଉଁ ନେତାଇ ବଡ ବଡ ଭାଷଣ ଦେଉଛନ୍ତି – ସେମାନେ ମଧ୍ୟ
ଚାହାଁନ୍ତି ନାହିଁ ଯେ ତାଙ୍କ ଜ୍ୱାଇଁ ଜଣେ ଚାଷୀ ଅବା ରାଜମିସ୍ତ୍ରୀ ହୋଇଥାଉ ।
ମୁଁ ଏ ନୂତନ ସମାଜ ସୃଷ୍ଟିର ବିରୋଧୀ । ମୋର କେବଳ ଲୋଡା ଅନୁଗତ
ଉତ୍ତମ ମଣିଷଟିଏ ।
ଆଉ ଯୁକ୍ତି ନ କରି ଦୀର୍ଘ ନିଃଶ୍ୱାସ ପକାଇଲେ ତପନ ।
ଏତିକିବେଳେ ନିଦ ଭାଙ୍ଗିଲା ମିତାଲିର । ତରବର ହୋଇ ସେ ବିଛଣାରୁ ଉଠିପଡି
ଚାହିଁଲା ଚତୁର୍ଦ୍ଦିଗକୁ । ବେଶ୍ ସୁସଜ୍ଜିତ କୋଠରୀ । ସମ୍ମୁଖରେ ବିରାଟ
ଆଇନା । ପ୍ରଥମେ ଯାଇ ମିତାଲି ପାନିଆଁ ଚଳାଇ ସଜାଡି ନେଲା ଅଡୁଆ
କେଶରାଶିକୁ ।
କାଳ ବିଳମ୍ବ ନ କରି ମିତାଲିର ଉଠିବା ଶବ୍ଦ ଶୁଣି ଟ୍ରେ ଦେହରେ
ଚା ଧରି ଆଗେଇ ଆସିଲା ଅର୍ଡରଲି । କହିଲା – ମା ! ବେସିନରେ ମୁହଁ
ଧୋଇ ନିଅ । ଚା ଖାଅ । ସାହେବ ଏବଂ ଆର ମାଆ ବାହାର ପିଣ୍ଡାରେ
ବସିଛନ୍ତି – ତାଙ୍କ ପାଖକୁ ଯାଅ । ସାହେବ ଖବର ଦେଇଛନ୍ତି ।
ଆଉ ଅପେକ୍ଷା ନ କରି ସାଙ୍ଗେ ସାଙ୍ଗେ ମୁହଁଟାକୁ ସଫା କରି ନେଇ
ଚା କପ୍‌ଟା ଢକ ଢକ ପିଇଗଲା ମିତାଲି । ତା ପରେ ଛୋଟ ଟି ଟେବୁଲ୍
ଉପରେ କପ୍‌ଟି ରଖି ବାହାରି ଆସିଲା ପଦାକୁ ।
ଅନାଇଛନ୍ତି ତପନ ଓ ରେଖା । ତପନଙ୍କ ଆଖି ଅଟକି ଯାଇଛି
ମିତାଲିର ମୁଖମଣ୍ଡଳରେ । ଗତ ରାତିରେ ମିତାଲିକୁ ଭଲ ଭାବରେ
ଦେଖିବାର ସୁଯୋଗ ପାଇ ନ ଥିଲେ ସେ । କେବଳ ପୋଲିସ କାଇଦାରେ
ପଚାରି ବସିଥିଲେ ସବୁ କିଛି । କିନ୍ତୁ ...
ଏ କଣ ଦେଖୁଛନ୍ତି ସେ ? କି ସୁନ୍ଦରୀ ମିତାଲି ? ସତେ ଅବା
ସୁଷମାର ଗନ୍ତାଘର । ଅବଶ୍ୟ ଶାନ୍ତ , ଗୌର ମୁଖମଣ୍ଡଳରେ ବିଷାଦର

କାଳିମା ।

ହାତ ଉଠାଇ ନମସ୍କାର ଜଣାଇଲା ମିତାଲି ।

ପ୍ରତି ନମସ୍କାର ଜଣାଇବା ପାଇଁ ଭୁଲି ଯାଇଥିଲେ ତପନ । ବସି ବସି ସବୁ ଲକ୍ଷ କରୁଥିଲେ ରେଖା – କହିଲେ ମୁହଁ ଖୋଲି – ' ମିତାଲି ! '

କି ଉତ୍ତର ଦେବ ମିତାଲି ! ଆପତିତ୍ କରିବ କାହା ବିରୁଦ୍ଧରେ ?

କିନ୍ତୁ ... କାହିଁକି ... ତପନ ହରିଚନ୍ଦନଙ୍କର ଏ ଅନୁରୋଧ ... ଏ ନିର୍ଦ୍ଦେଶ !!

ନିଜକୁ ନିଜେ ବିଶ୍ଳେଷଣ କରୁଥିଲା ମିତାଲି । କଣ ହୋଇଛି ଯୁବକ ତପନ ହରିଚନ୍ଦନଙ୍କର ? ଆଉ ଅର୍ଡରଲି ହାତରୁ ଖାଦ୍ୟ ପାଇବା ପାଇଁ ନାରାଜ , ତାର ରୋଷେଇରେ ମଧ୍ଧ ସେ ସନ୍ତୁଷ୍ଟ ନୁହଁନ୍ତି , ଏମିତିକି କପେ କଫି ପାଇଁ ମଧ୍ଧ ଲୋଡା ମିତାଲି ।

ତେବେ ??

ଅବଶ୍ୟ ଏସ.ପି.ଙ୍କ କୋଠୀକୁ ଆସି ଆଶ୍ରୟ ନେବା ପରେ ମିତାଲି ରୋଷେଇ କରି , ଘରଦ୍ୱାର ସଫା ସୁତୁରା କରି ପ୍ରକାଶ କରିଥିଲା ତାର ଆନୁଗତ୍ୟ । ଆଉ କଣ ଦେଇ ଏସ୍.ପି. ଙ୍କ ଋଣ ସୁଝିପାରିଥାନ୍ତା ସେ ? ତାଙ୍କୁ ଯେ ଏସ.ପି. ନରକର ଅନନ୍ତ ଅନ୍ଧାରରୁ ମୁକ୍ତ କରିଛନ୍ତି – ପୁଣି ସମାଜ ଭିତରକୁ ଫେରାଇ ଆଣିଛନ୍ତି – ସେହି ଯଥେଷ୍ଟ । ତାର ପ୍ରତିବଦଳରେ ମିତାଲି ଚାହେଁ – କିଛି ଶାରୀରିକ ପରିଶ୍ରମ କରି ଋଣ ପରିଶୋଧ କରିବ । କିନ୍ତୁ ...

– ' କୁହ ମିତାଲି ମୋର ଡେରି ହେଉଛି । ରାତି ଯେତେ ହେଉ ଆଜି ପୁଣି କାମ ଶେଷ କରି ଫେରିବାକୁ ପଡିବ । '

ଆଉ ଉତ୍ତର ଖୋଜିବାକୁ ସମୟ ନାହିଁ । ଧୀର ଗଳାରେ କହିଲା ମିତାଲି – ' ମୋର ଆପତ୍ତି କଣ ? ମୁଁ କୋଣାର୍କ ଦେଖି ନାହିଁ , ବରଂ ବୁଲି ଆସିବାରେ ଆନନ୍ଦ । '

ମନେ ମନେ ଆନନ୍ଦିତ ହୋଇ ଉଠିଲେ ତପନ – ' ତେବେ ଶୀଘ୍ର ପ୍ରସ୍ତୁତ ହୋଇଯାଅ । ଅର୍ଡରଲିକୁ ଉଠାଇ କୁହ – ଦୁଇକପ୍ କଫି ତିଆରି କରୁ । '